## ମହାଦେବ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ନୂତନ ସଂଯୋଜକ

ତିଗିରିଆ,(ଡି.ଏନ୍.ଏ.): ଓଡ଼ିଶା ମେଡିକାଲ କର୍ମଚାରୀ ସଙ୍ଘର ରାଜ୍ୟ ସଂଯୋଜକଭାବେ ମହାଦେବ ବାରିକଙ୍କୁ ଚୟନ କରାଯାଇଛି। ଏନେଇ ତିଗିରିଆ ବ୍ଲକ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ କିରାଣି ମନମୋହନ ଦାସ ସଭାପତିତ୍ୱ କରିଥିବାବେଳେ ଏଠାକାର ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଶ୍ୱବିକାଶ ରାଉତରାୟ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାର୍ମାସିଷ୍ଟ ଗଗନ ବିହାରୀ ସାହୁ, ସହାୟକ ଜିତେନ୍ଦ୍ର ଦାସ, ସନ୍ତୋଷ ଆଚାର୍ଯ୍ୟ ଓ ବିକ୍ରମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ନକଲି ଲୋକୋ ପାଇଲଟ ଗିରଫ

ପୁରୁଣା ଭୁବନେଶ୍ୱର,୨।୧(ଡି.ଏନ୍.ଏ.): କରୋନା କଟକଣା ଯୋଗୁ ଟ୍ରେନରେ ସୀମିତ ସିଟ୍ ସଂଖ୍ୟା ଅନୁଯାୟୀ ଯାତ୍ରୀଙ୍କୁ ଯିବାକୁ ଅନୁମତି ମିଳିଛି। ଫଳରେ ଅନେକ ଯାତ୍ରୀ ଟିକେଟ ଆଶାରେ ରେଳ ଷ୍ଟେଶନରେ ହିଁ ଅପେକ୍ଷା କରୁଛନ୍ତି। ଏଭଳି ସମୟରେ ଯାତ୍ରୀଙ୍କୁ ଟିକେଟ କରାଇଦେବା କହି ଟଙ୍କା ଲୁଟୁଥିବା ଜଣେ ନକଲି ଲୋକୋ ପାଇଲଟଙ୍କୁ ଭୁବନେଶ୍ୱର ରେଲଓ୍ୱେ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ସୁରଜ କୁମାର ରାମ। ଏ ନେଇ ପୋଲିସ ନଂ.୧୨୧/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଙ୍କଠାରୁ ନକଲି ରେଲଓ୍ୱେ ପରିଚୟ ପତ୍ର, ଲୋକୋ ପାଇଲଟ ୟୁନିଫର୍ମ, ଲୋକୋ ପାଇଲଟ ନେମ୍ ପ୍ଲେଟ ଆଦି ଜବତ କରିଛି। ସୂଚନା ଅନୁଯାୟୀ, ସୁରଜ ଲୋକୋ ପାଇଲଟ ୟୁନିଫର୍ମରେ ଝାଡ଼ଖଣ୍ଡରୁ ଟ୍ରେନରୁ ଆସି ବଡ଼ ଷ୍ଟେଶନଗୁଡ଼ିକରେ ଅପେକ୍ଷାରତ ଯାତ୍ରୀମାନଙ୍କୁ ଟିକେଟ କରାଇ ଦେବା ପାଇଁ କହି ଟଙ୍କା ନେଇ ଠକୁଥିଲେ। ତାଙ୍କ ୟୁନିଫର୍ମ, ପରିଚୟ ପତ୍ର ଦେଖି ଲୋକ ବିଶ୍ୱାସରେ ଟଙ୍କା ଦେଇ ଟିକେଟ ନେଉଥିଲେ। ପରେ ତାହା ନକଲି ବୋଲି ଜାଣିବା ପରେ ଭୁବନେଶ୍ୱର ଜିଆରପି ଥାନାରେ ଯାତ୍ରୀମାନେ ଅଭିଯୋଗ କରିଥିଲେ। ତେବେ ରେଲଓ୍ୱେ ପୋଲିସ ପୂର୍ବରୁ ସୁରଜ ଉପରେ ନଜର ରଖି ଲୋକଙ୍କୁ ଠକୁଥିବା ସମୟରେ ଧରିଥିଲେ। ହେଲେ ସେ ଝାଡ଼ଖଣ୍ଡରୁ ଆସୁଥିବାରୁ ଏଭଳି ଅନେକ ଷ୍ଟେଶନରେ ଲୋକଙ୍କୁ ଠକୁଥିବା ପୋଲିସ ସନ୍ଦେହ କରି ଯାଞ୍ଚ ଚଳାଇଛି।

# ସ୍କୁଲ ଖୋଲିବା ନିଷ୍ପତ୍ତିକୁ ସ୍ୱାଗତ, ତଥାପି...

ଭୁବନେଶ୍ୱର, ୨।୧(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୮ତାରିଖରୁ ସ୍କୁଲ ଖୋଲିବ। କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାମାନେ ପାଠ ପଢ଼ିବେ। ଏଥିସହ ମେ' ୩ରୁ ମାଟ୍ରିକ ଓ ୧୫ରୁ ଯୁକ୍ତ୨ ପରୀକ୍ଷା ହେବ। ତେବେ ସ୍କୁଲ କିପରି ଖୋଲିବ ସେ ନେଇ ରାଜ୍ୟ ସରକାର ଏକ ଏସ୍ଓପି ମଧ୍ୟ ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଥିଲେ ମଧ୍ୟ ଏସ୍ଓପି ପାଳନ, ପାଠପଢ଼ା ଓ ପରୀକ୍ଷା ଫଳାଫଳକୁ ନେଇ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷକମାନେ କ'ଣ କହୁଛନ୍ତି ସେ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା।

### ଛାତ୍ରୀଛାତ୍ରଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ



ସ୍କୁଲ ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଜାରି ହୋଇଥିବା ଏସ୍ଓପିକୁ କିପରି ପାଳନ କରାଯାଉଛି ତାହା ଏବେ ବଡ଼ ପ୍ରଶ୍ନବାଚୀ। ସେସବୁକୁ ପରିଚାଳନା କରିବା ନିଶ୍ଚିତ ଚ୍ୟାଲେଞ୍ଜ ହେବ। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଯେପରି କୌଣସି ଅବହେଳା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ।

– ଶଙ୍କର ସାମନ୍ତରାୟ, ଅଭିଭାବକ

### ପାଠପଢ଼ା, ରେଜଲ୍ଟ ନିଶ୍ଚିତ ଭିନ୍ନ ରହିବ



ଗୋଟିଏ ଶିକ୍ଷାବର୍ଷରେ ପିଲାମାନେ ଯେପରି ରେଜଲ୍ଟ କରନ୍ତି, ଏହି ୧୦୦ ଦିନରେ ରେଜଲ୍ଟ ନିଶ୍ଚିତ ଭାବେ ଭିନ୍ନ ରହିବ। ସ୍କୁଲ ଖୋଲିବା ନିଷ୍ପତ୍ତି ପୂର୍ବରୁ ହୋଇଥିଲେ ଭଲ ହୋଇଥାଆନ୍ତା। ତେବେ ବିଳମ୍ବରେ ହେଲେ ମଧ୍ୟ ଏହା ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ତେବେ ଜାରି ଏସ୍ଓପିକୁ କଡ଼ାକଡ଼ି ମନିଟରିଂ କରାଯିବା ଆବଶ୍ୟକ। ଏସ୍ଓପି ପାଳନରେ ଶିକ୍ଷକଙ୍କୁ ନିୟୋଜିତ ନ କରିବା ଉଚିତ। ନଚେତ୍ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବ।

– ଅରୁଣ ସ୍ୱାଇଁ, ଅଭିଭାବକ

### ଓଏମ୍ଆର୍ ସିଟ୍ ପଦ୍ଧତିରେ ପରୀକ୍ଷା ହେଉ



ସ୍କୁଲ ଖୋଲିବା ନିଷ୍ପତ୍ତି ଠିକ୍ ଅଛି। ପିଲାଙ୍କ ପାଖରେ କମ୍ ସମୟ ଥିବାରୁ ଚଳିତବର୍ଷ କେବଳ ଓଏମ୍ଆର୍ ସିଟ୍ ପଦ୍ଧତିରେ ପରୀକ୍ଷା ହେଉ। ଏଥିସହିତ ପରୀକ୍ଷା ପ୍ରଶ୍ନପତ୍ର ଗୋଟିଏ ମାତ୍ର ସେଟ୍ କରାଯାଉ। କେନ୍ଦୁଝର, କଳାହାଣ୍ଡି, ମୟୂରଭଞ୍ଜ ଭଳି ଜିଲାଗୁଡ଼ିକରେ ପିଲାମାନେ ଅନ୍‌ଲାଇନ୍ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସେହି ପିଲାଙ୍କ ପାଇଁ କୌଣସି ପ୍ରକାରେ କୋଭିଡ୍ କଟକଣା ସହ ହଷ୍ଟେଲ ଖୋଲିବାକୁ ଯୋଜନା ହେଉ।

–ପ୍ରକାଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ

### ଅଧିକ ସ୍କୁଲ ଫି' ଆଦାୟ କରା ନ ଯାଉ



ସ୍କୁଲରେ ସାନିଟାଇଜେଶନ ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗ ନେଉ। ଶିକ୍ଷା ବିଭାଗ କେବଳ ପାଠପଢ଼ା ଦାୟିତ୍ୱ ନେଉ। ଶିକ୍ଷକଙ୍କୁ ସାନିଟାଇଜେଶନରେ ନିୟୋଜିତ କରାଗଲେ ପାଠପଢ଼ା ନିଶ୍ଚିତ ବ୍ୟାହତ ହେବ। ଏଥିସହିତ ଓଭର ସ୍କୁଲ ଫି' ଆଦାୟ କରା ନ ଯାଉ। ସରକାର ଏହାକୁ ଏକ ମିଶନ ମୋଡ୍‌ରେ କରନ୍ତୁ। ବିଭିନ୍ନ ବନ୍ୟା, ବାତ୍ୟାରେ ସରକାର ଯେଭଳି ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ ଦିଅନ୍ତି, ସ୍କୁଲ ଖୋଲିବାକୁ ମଧ୍ୟ ଜିରୋ କାଜୁଆଲ୍‌ଟି ଭାବେ କାର୍ଯ୍ୟ ଗ୍ରହଣ କରିବେ।

– ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ

### ଦ୍ୱନ୍ଦ୍ୱ ଗଲା, ସବୁ ଡାଉଟ୍ ସ୍କୁଲରେ କ୍ଲିୟର ହେବ



ପରୀକ୍ଷା ନିଶ୍ଚିତ ହେବ ବୋଲି ଯଦିଓ ଜାଣି ସାରିଥିଲୁ, କିନ୍ତୁ ସ୍କୁଲ କେବେ ଖୋଲିବ ତାକୁ ନେଇ ବହୁ ଦ୍ୱନ୍ଦ୍ୱରେ ରହିଥିଲୁ। ସରକାର ସ୍କୁଲ ଖୋଲିବା ନିଷ୍ପତ୍ତି ନେଇଥିବାରୁ ଧନ୍ୟବାଦ ଜଣାଉଛି। ବର୍ତ୍ତମାନ କମ୍ ସମୟ ରହିଛି। ପାଠପଢ଼ାକୁ ନେଇ ଯେତେସବୁ ଡାଉଟ୍ ରହିଛି ତାକୁ ଏବେ ସ୍କୁଲରେ କ୍ଲିୟର ହୋଇପାରିବ। କିନ୍ତୁ ସ୍କୁଲରେ ଯେପରି କରୋନାର ସମସ୍ତ କଟକଣାକୁ କଡ଼ାକଡ଼ି ପାଳନ କରାଯିବ ସେଥିପ୍ରତି ଆମେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ।

– ହଂସିତା ସାମନ୍ତରାୟ, ଛାତ୍ରୀ

### ମିଳିଥିବା ସମୟର ସଦୁପଯୋଗ କରିବୁ



୨୦୨୦ ବର୍ଷକ ସମୟ ପୂରା ନଷ୍ଟ ହୋଇଯାଇଛି। ପାଠପଢ଼ା ଠିକ୍‌ରେ ହୋଇନି। କୋର୍ସ ସରିନି ଓ ଡାଉଟ କ୍ଲିୟର ହୋଇନି। ବର୍ତ୍ତମାନ ସ୍କୁଲ ଖୋଲିଲେ ଶିକ୍ଷକଙ୍କ ପାଖରେ ଡାଉଟ୍ କ୍ଲିୟର ହୋଇଯିବ। ପରୀକ୍ଷା ପାଇଁ ସେପରି ପ୍ରସ୍ତୁତ ହେବାର ସୁଯୋଗ ନ ଥିଲେ ମଧ୍ୟ ଯେତିକି ବି ସମୟ ମିଳିଛି ଆମେ ତା'ର ସଦୁପଯୋଗ କରିବୁ। ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଚେଷ୍ଟା କରିବି ପରୀକ୍ଷା ଭଲ କରିବି।

– ଅଙ୍କିତା ସ୍ୱାଇଁ, ଛାତ୍ରୀ

## ରାଜସ୍ୱ ପର୍ଷଦ କାର୍ଯ୍ୟାଳୟରେ ଅନ୍‌ଲାଇନ ସାକ୍ଷାତ୍‌କାର

କଟକ ଅଫିସ,୨।୧

କରୋନା କଟକଣା ଦୃଷ୍ଟିରୁ ସାମାଜିକ ଦୂରତା ବଜାୟ ରଖିବା ସହ ରାଜ୍ୟରେ ସରକାରଙ୍କ ୫-ଟି ମୋ ସରକାର ଲକ୍ଷ୍ୟ ଅନୁଯାୟୀ, ପ୍ରଶାସନିକ କାର୍ଯ୍ୟର ପ୍ରାଦ୍ୟୋଗିକ ପ୍ରେରିତତା ପାଇଁ ଚଳିତବର୍ଷ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ବିଭାଗୀୟ ସାକ୍ଷାତ୍‌କାର ପରୀକ୍ଷା କଟକସ୍ଥିତ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟଠାରେ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ପରୀକ୍ଷା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ସେବାର ୧୭୦୦ ଅଧିକାରୀ ଭାଗ ନେଉଛନ୍ତି। ଏହି ଅନ୍‌ଲାଇନ ସାକ୍ଷାତକାର ପରୀକ୍ଷାରେ ପାଇଁ ଏନ୍ଆଇସି ସମସ୍ତ ପ୍ରାଦ୍ୟୋଗିକ ସହାୟତା ପ୍ରଦାନ କରୁଛନ୍ତି। ପରୀକ୍ଷାର୍ଥୀମାନେ ଭିଡିଓ କନଫରେନ୍ସିଂ ଜରିଆରେ ପରୀକ୍ଷା ଦେଉଛନ୍ତି। ଏହାକୁ ସଫଳତାର ସହ ସମାପନ କରିବା ପାଇଁ ରାଜସ୍ୱ ପର୍ଷଦ ସଦସ୍ୟ ସି. ଜେ. ଭେନୁଗୋପାଳ ଏବଂ ସଚିବ ବିଜୟ କୁମାର ଉପାଧ୍ୟାୟ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଛନ୍ତି।

## 'ଧୈର୍ଯ୍ୟ ରଖନ୍ତୁ ଯୁବ ଆଇନଜୀବୀ'

କଟକ ଅଫିସ,୨।୧

### ଜଷ୍ଟିସ ମହମ୍ମଦ ରଫିକ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍‌ଙ୍କୁ ଶନିବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନେଇ ପୂର୍ବାହ୍ନ ୧୧ଟାରେ ହାଇକୋର୍ଟ ପରିସରରେ ଭର୍ଚୁଆଲ ମୋଡରେ ଏକ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଜଷ୍ଟିସ ରଫିକ୍ ବକ୍ତବ୍ୟରେ ହାଇକୋର୍ଟ ସମେତ ସମସ୍ତ ବାର୍‌ର କର୍ମକର୍ତ୍ତାଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ, ଯୁବ ଆଇନଜୀବୀମାନେ ଧୈର୍ଯ୍ୟ ଧରନ୍ତୁ ଏବଂ କଠିନ ପରିଶ୍ରମ ଉପରେ ବିଶ୍ୱାସ ରଖନ୍ତୁ। ତା'ହେଲେ ନିଶ୍ଚିତ ସଫଳତା ମିଳିବ। ଏହି ଉତ୍ସବରେ ଜଷ୍ଟିସ ସଞ୍ଜୁ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ, ଆମକୁ ଜଣେ ଭଲ ଓ କର୍ତ୍ତବ୍ୟନିଷ୍ଠ ମୁଖ୍ୟ ବିଚାରପତିଙ୍କ ସହ କାମ କରିବାର ସୁଯୋଗ ମିଳିଥିଲା। ସେହିପରି ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଓ ହାଇକୋର୍ଟ ବାର ଆସୋସିଏଶନ ଅନ୍ତରୀଣ କମିଟିର ବରିଷ୍ଠ ଆଡ୍‌ଭୋକେଟ ଅଶୋକ ମହାନ୍ତି କହିଥିଲେ, ଜଷ୍ଟିସ ରଫିକ୍ ସମାନତା ଓ ନିୟନ୍ତ୍ରିତ କାର୍ଯ୍ୟ ପରିଚାଳନା କରିବାରେ ଜଣେ ଦକ୍ଷ ବିଚାରପତି। ଏହି ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି ଓ ଆଇନଜୀବୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଜଷ୍ଟିସ ରଫିକ୍ ଆସନ୍ତା ୪ତାରିଖରେ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟବିଚାରପତି ଭାବେ ଶପଥ ଗ୍ରହଣ କରିବେ। ସେ ଗତବର୍ଷ ଏପ୍ରିଲ ୨୭ରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। କରୋନା ସମୟରେ ଓଡ଼ିଶା ହାଇକୋର୍ଟରେ ଦାୟିତ୍ୱ ନେଇଥିବାରୁ ତାଙ୍କର ସମସ୍ତ ଶୁଣାଣି ଭର୍ଚୁଆଲ ମୋଡରେ ହୋଇଥିଲା। ପ୍ରାୟ ୮ମାସର କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ରାୟ ଦେଇଥିଲେ।

### ପୁରସ୍କୃତ ଶ୍ରେଷ୍ଠ ପୋଲିସ ଅଫିସର, କର୍ମଚାରୀ

କମିଶନରେଟ୍ ପୋଲିସର ପ୍ରତିଷ୍ଠା ଦିବସରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୮୦ ଅଫିସର ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଏସିପି ଭାବେ ପ୍ରକାଶ ଚନ୍ଦ୍ର ପାଲ୍(ଭୁବନେଶ୍ୱର ୟୁପିଡି) ଓ ଅମରେନ୍ଦ୍ର ପଣ୍ଡା( କଟକ ୟୁପିଡି)ଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଆଇଆଇସି ଭାବେ ଉମାକାନ୍ତ ପ୍ରଧାନ (ଭୁବନେଶ୍ୱର) ଓ ତାପସ ଚନ୍ଦ୍ର ପ୍ରଧାନ (କଟକ), ଶ୍ରେଷ୍ଠ ଏସ୍ଆଇ ଭାବେ ଗୟାନନ୍ଦ ସାହା (ଭୁବନେଶ୍ୱର) ଓ ଏସ୍ଆଇ ଚନ୍ଦ୍ରିକା ସ୍ୱାଇଁ (କଟକ)ଙ୍କୁ ପୁରସ୍କୃତ କରାଯାଇଥିଲା। ତଦନ୍ତ ଓ ଠିକ୍ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ୧୩ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ ପ୍ରମୋଦ କୁମାର ରଥ (ଅତିରିକ୍ତ ଡିସିପି) କଟକ, ସଞ୍ଜୀବ କୁମାର ଶତପଥୀ (ଏସିପି ସ୍ପେଶାଲ ସ୍କ୍ୱାଡ୍) ଭୁବନେଶ୍ୱର, ଶୁଭନାରାୟଣ ମୁଦୁଲି (ଏସିପି, ଜୋନ୍-୬) କଟକ, ଅଜୟ କୁମାର ଦାସ (ଇନ୍ସପେକ୍ଟର, ସ୍ପେଶାଲ ସ୍କ୍ୱାଡ୍)କଟକ, ଦୀପକ ମିଶ୍ର (ଆଇଆଇସି ଏୟାରଫିଲ୍ଡ ଥାନା) ଭୁବନେଶ୍ୱର, ରବୀନ୍ଦ୍ରନାଥ ମେହେର (ଆଇଆଇସି, ଜଗତପୁର ଥାନା), ଜ୍ୟୋତ୍ସ୍ନାମୟୀ ବରାଳ (ଏସ୍ଆଇ, ଲିଙ୍ଗରାଜ ଥାନା), ବିଜୟ ଦାସ (ଏସ୍ଆଇ, ସ୍ପେଶାଲ ସ୍କ୍ୱାଡ୍) ଭୁବନେଶ୍ୱର, ସ୍ପେଶାଲ ସ୍କ୍ୱାଡ୍‌ର ଏଲ୍ଏନ୍‌କେ ପ୍ରଭୁଦ ପଟ୍ଟନାୟକ, ଭୁବନେଶ୍ୱର ୟୁପିଡ଼ିର କନ୍‌ଷ୍ଟେବଳ ମନୋଜ ଲେଙ୍କା, କନ୍‌ଷ୍ଟେବଳ ପ୍ରଭାତ ପ୍ରଧାନ, ଶହୀଦନଗର ଥାନାର କନ୍‌ଷ୍ଟେବଳ ଜନ୍ମେଜୟ ବେହେରା, ସ୍ପେଶାଲ ସ୍କ୍ୱାଡ୍ କନ୍‌ଷ୍ଟେବଳ ଫିରୋଜ କୁମାର ରାଉତ। ଏଥିସହ ଅନ୍ୟମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।





ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ଡିଜିପି ଅଭୟ ଜଣେ ପୋଲିସ ଅଧିକାରୀଙ୍କୁ ପୁରସ୍କୃତ କରୁଛନ୍ତି। ପୋଲିସ ଭବନ ପରିସରରେ ପୋଲିସ ବାଦ୍ୟ ବଜାଯାଉଛି।

# ଗୁଣାତ୍ମକ ତଦନ୍ତକୁ ଡିଜିପିଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨।୧(ବ୍ୟୁରୋ)

### ୧୪ବର୍ଷରେ କମିଶନରେଟ ପୋଲିସ



- ପ୍ରତିଷ୍ଠା ଦିବସରେ ପୋଲିସକୁ ପ୍ରଶଂସା କଲେ ଅଭୟ
- ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କହିଲେ ପୋଲିସ କମିଶନର

ତଦନ୍ତ ଓ ମହିଳାଙ୍କ ସୁରକ୍ଷା ପାଇଁ କମିଶନରେଟ୍‌ପୋଲିସ ସବୁବେଳେ ତତ୍ପର ରହିଛି। ଆଗକୁ ଆହୁରି ଉନ୍ନତମାନର ସେବା, ଗୁଣାତ୍ମକ ତଦନ୍ତ ସହ ମହିଳା ଓ ଶିଶୁଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଛନ୍ତି ପୋଲିସ ଡିଜି ଅଭୟ। ଏଥିସହିତ କୋଭିଡ୍ ସମୟରେ କମିଶନରେଟ୍ ପୋଲିସର କାର୍ଯ୍ୟଶୈଳୀ ରାଜ୍ୟ ସରକାର ଓ ଓଡ଼ିଶାବାସୀଙ୍କ ମନ ଜିତିବାରେ ସଫଳ ହୋଇଛି। ପୋଲିସ ସେବା ଭବନରେ ଅନୁଷ୍ଠିତ କମିଶନରେଟ୍ ପୋଲିସର ୧୩ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭବେ ଯୋଗଦେଇ ଡିଜିପି ଏହା କହିବା ସହ ପ୍ରଶଂସା କରିଛନ୍ତି। ୨୦୦୮ରେ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ କମିଶନରେଟ୍ ପୋଲିସ ୧୩ବର୍ଷ ଅତିକ୍ରମ କରି ୧୪ରେ ପାଦ ଥାପିଛି। ଏହି ସମୟ ମଧ୍ୟରେ କମିଶନରେଟ୍ ପୋଲିସ ଲୋକଙ୍କ ନିକଟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ମାର୍ଚ୍ଚରେ କରୋନା ରୂପୀ କଳାବାଦଲ ଘୋଟି ଆସିଥିଲା। ଲକ୍ ଡାଉନ୍ ଓ ଶଟ୍ ଡାଉନ୍‌ରେ ଲୋକେ ଘରେ ଥିବା ସମୟରେ କମିଶନରେଟ୍ ପୋଲିସ ନିଜ ପରିବାର ଛାଡି ରାସ୍ତାରେ ଡ୍ୟୁଟି କରୁଥିଲା। ଏହା କମିଶନରେଟ୍ ପୋଲିସର ଏକ ନୂଆ ଛବି ତିଆରି କରିଛି ବୋଲି କମିଶନର ସୁଧାଂଶୁ ଷଡଙ୍ଗୀ କହିଛନ୍ତି। ସେ କହିଲେ, ଏମିତି ଏକ ସମୟ ଥିଲା ଯେଉଁ ସମୟରେ ଆମର ଗୋଟିଏ ଥାନାରେ ୩୫ କର୍ମଚାରୀ ମଧ୍ୟରୁ ୨୮ଜଣ କରୋନା ପଜିଟିଭ୍ ବାହାରିଥିଲେ। ବାକି ୭ଜଣ ନିଜ ସହ ପରିବାର କଥା ଭୁଲି ଥାନା ଚଳାଇଥିଲେ। ଏହା କମିଶନରେଟ୍ ପୋଲିସର ଦୃଢ ସଂକଳ୍ପକୁ ବୁଝାଉଛି ବୋଲି କମିଶନର ଷଡ଼ଙ୍ଗୀ କହିଥିଲେ। ଏଥିସହିତ ଟ୍ୱିନ୍‌ସିଟିରେ ବର୍ଦ୍ଧିତ ଅପରାଧକୁ ନଜରରେ ରଖି ଉନ୍ନତମାନର ସିସିଟିଭି କ୍ୟାମେରା ଲଗାଯିବ ବୋଲି ସେ ସୂଚନା ଦେଇଛନ୍ତି। କରୋନାରେ ମୋଟ ୧୫୬୧ଜଣ ସଂକ୍ରମଣର ଶିକାର ହୋଇଥିବାବେଳେ କମିଶନରେଟ ପୋଲିସ ୭ଜଣ ସାଥୀଙ୍କୁ ହରାଇଥିବାରୁ କମିଶନର ଷଡ଼ଙ୍ଗୀ ଦୁଃଖ ପ୍ରକାଶ କରିଥିଲେ।

### 'କମିଶନରେଟ ପୋଲିସକୁ ସାଇବର ଥାନା ଦିଆଯାଉ'

ରାଜ୍ୟରେ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧିପାଉଛି। ରାଜ୍ୟରେ ଘଟୁଥିବା ସାଇବର ଅପରାଧର ୫୦ ଭାଗରୁ ଅଧିକ କେବଳ ଭୁବନେଶ୍ୱର ଓ କଟକରେ ହେଉଛି। କଟକରେ ଥିବା ଗୋଟିଏ ମାତ୍ର ସାଇବର ଥାନା ଏବେ କ୍ରାଇମବ୍ରାଞ୍ଚ ଅଧୀନରେ ରହିଛି। ଭୁବନେଶ୍ୱରରେ ଆଗକୁ ଏକ ସାଇବର ଥାନା କାର୍ଯ୍ୟ କରିବାକୁ ଯାଉଥିବାରୁ ତାହାକୁ କମିଶନରେଟ ପୋଲିସ ଅଧୀନକୁ ଦିଆଯାଉ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତା



@ ସନ୍ଧ୍ୟାରାଣୀ



@ ତାରାପ୍ରସାଦ



@ କାହ୍ନା



@ ଅମିୟ କୁମାର



@ ସତ୍ୟଜିତ୍



@ସ୍ମୃତି



@ଶେଖ୍ ରଜାକ



@ସଞ୍ଜିତ୍

## ଯୁବକଙ୍କ ମୋବାଇଲ ଝାମ୍ପିନେଲେ ଲୁଟେରା

ପିପିଲି,(ସ୍ୱ.ପ୍ର.)- ପିପିଲି ଥାନା ଅଧୀନ ପିପିଲି ବଜାରରେ ଶନିବାର ଜଣେ ଯୁବକଙ୍କ ମୋବାଇଲ କେତେଜଣ ଲୁଟେରା ଝାମ୍ପିନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ଯାଞ୍ଚ କରୁଥିବାର ଥାନା ଅଧିକାରୀ ଗୌରାଙ୍ଗଚରଣ ପୃଷ୍ଟି କହିଛନ୍ତି। ସୂଚନା ମୁତାବକ, ମାଧିପୁର ଗ୍ରାମର କୃଷ୍ଣଚନ୍ଦ୍ର ମୁଦୁଲି ପିପିଲି ବଜାର ମୁଖ୍ୟ ରାସ୍ତାରେ ଥିବା ଏକ ଅଳଙ୍କାର ଦୋକନ ସମ୍ମୁଖରେ ଠିଆ ହୋଇ ନିଜ ସମ୍ପର୍କୀୟଙ୍କ ସହ କଥା ହେଉଥିଲେ। ଏହି ସମୟରେ ଗୋଟିଏ ବାଇକରେ ଦୁଇଜଣ ଲୁଟେରା ଦ୍ରୁତଗତିରେ ଆସି ହଠାତ୍ କୃଷ୍ଣଚନ୍ଦ୍ରଙ୍କ ହାତରେ ଥିବା ମୋବାଇଲକୁ ଝାମ୍ପିନେଇ ଚମ୍ପଟ ମାରିଥିଲେ।

**ସଂକ୍ଷେପରେ**

## ପୁରୀ ଜିଲାରେ ଡ୍ରାଏ ରନ୍
### ପ୍ରଥମ ପର୍ଯ୍ୟାୟରେ ୧୦,୭୭୯ କରୋନା ଯୋଦ୍ଧାଙ୍କୁ ଟିକା

ପୁରୀ ଅଫିସ,୨।୧: ପୁରୀ ଜିଲାରେ ଶନିବାର କରୋନା ଟିକାକରଣର ଡ୍ରାଏ ରନ୍ ବା ପୂର୍ବାଭ୍ୟାସ କରାଯାଇଛି। ସଦର ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉପସ୍ଥିତିରେ ଏହି ଅଭ୍ୟାସ ପ୍ରକ୍ରିୟା ଶେଷ ହୋଇଛି। ୨୫ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଡ୍ରାଏ ରନ୍ ପ୍ରକ୍ରିୟାରେ ସାମିଲ କରାଯାଇଥିବାବେଳେ ନିଜେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ପ୍ରତିକାତ୍ମକ ଟିକା ନେଇଛନ୍ତି। ଟିକାକରଣ ପୂର୍ବରୁ ପ୍ରଥମେ ପରିଚୟ ଯାଞ୍ଚ ଓ ସାନିଟାଇଜ୍ କରାଯାଇଥିଲା। ଏହି ଅଭ୍ୟାସ କରିବା ଦ୍ୱାରା ବାସ୍ତବରେ ଟିକାକରଣ ସମୟରେ ଉପୁଜିବାକୁ ଥିବା ସମସ୍ୟା ସମ୍ପର୍କରେ ଜାଣି ହେବ ବୋଲି ଡା. ମିଶ୍ର କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲାର ୧୦,୭୭୯ କୋଭିଡ୍ ଯୋଦ୍ଧାଙ୍କୁ ଟିକା ଦିଆଯିବ। ଏମାନଙ୍କ ମଧ୍ୟରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି ଓ ସଫେଇ କର୍ମଚାରୀ ଅଛନ୍ତି। ଏଥିପାଇଁ ଜିଲାରେ ୬୪ଟି କ୍ୟାମ୍ପ କରାଯିବ। ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କ୍ୟାମ୍ପ ହେବ। ୨୬୮ଜଣ ସ୍ୱାସ୍ଥ୍ୟ କର୍ମୀ ଟିକା ଦେବେ। ଗୋଟିଏ ଦିନରେ ଜଣେ ସ୍ୱାସ୍ଥ୍ୟକର୍ମୀ ସର୍ବାଧିକ ୧୦୦ବ୍ୟକ୍ତିଙ୍କର ଟିକାକରଣ କରିପାରିବେ। ଜିଲାରେ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ନେଇ କୌଣସି ସମସ୍ୟା ନାହିଁ। କୋଲ୍ଡ ଚେନ୍ ବଳବତ୍ତର ରଖିବା ଏକ ବଡ଼ ଆହ୍ୱାନ। କିଭଳି ଭାବେ ଟିକା ସମାନ ତାପମାତ୍ରାରେ ସବୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବ ସେନେଇ ଆମେ ସବୁ ପ୍ରକାର ପ୍ରସ୍ତୁତି ଜାରି ରଖିଛୁ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମିଶ୍ର କହିଛନ୍ତି। ୨ୟ ପର୍ଯ୍ୟାୟରେ ଟିକାକରଣରେ ବୟୋଜ୍ୟେଷ୍ଠ ଓ ସାଧାରଣ ଲୋକେ ସାମିଲ ହେବାର ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ହୋମଗାର୍ଡଙ୍କ ମୃତ୍ୟୁ

ନିମାପଡ଼ା,୨।୧(ଡି.ଏନ୍.ଏ.)- ନିମାପଡ଼ା ଥାନା ଅଧୀନ ଡେଲଟା ଛକ ମୁସଲମାନ ବସ୍ତି ନିକଟରେ ଶୁକ୍ରବାର ରାତିରେ ଏକ ଦୁର୍ଘଟଣାରେ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟପୁର ଗ୍ରାମର ପ୍ରକାଶ ଚନ୍ଦ୍ର ନାୟକ। ଏ ନେଇ ମୃତକଙ୍କ ଭାଇ ଦେବରାଜ ନାୟକ ଶନିବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ପ୍ରକାଶ ପାଟ୍ରୋଲିଂ ଡ୍ୟୁଟିରେ ଥିବାବେଳେ ମୁସଲମାନ ବସ୍ତି ନିକଟରେ ବାଇକ୍ ରଖି ପରିସ୍ରା କରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ ଗାଡ଼ି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେବାରୁ ତଳେ ଛିଟିକି ପଡ଼ି ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଦୁର୍ଘଟଣା ପରେ ଗାଡ଼ି ଚାଳକ ଜଣକ ଫେରାର ହୋଇଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଛି। ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଚଳାଇଛି। ଅନ୍ୟପକ୍ଷେ ପ୍ରକାଶଙ୍କ ପରିବାରକୁ ଆର୍ଥିକ ସହାୟତା ଓ ପରିବାରର ଜଣେ ବ୍ୟକ୍ତିଙ୍କୁ ଚାକିରି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜମିବାଡ଼ି ବିବାଦକୁ ନେଇ ଘରପୋଡ଼ି

ଡେଲାଙ୍ଗ,୨।୧(ଡି.ଏନ୍.ଏ.)- ଚାଇଁପୁର ପଞ୍ଚାୟତର ପଥରଡ଼ିହ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ କରିବା ସହ ଘରପୋଡ଼ି ଦେଇଥିବା ନେଇ ହରିରାଜପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପଥରଡିହ ଗ୍ରାମର ବିଶ୍ୱନାଥ ସ୍ୱାଇଁ ଓ ଶିବୁନା ସ୍ୱାଇଁଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗିଥିବାରୁ ଆସନ୍ତା ୫ ତାରିଖରେ ମାପଚୁପ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହାପୂର୍ବରୁ ଶୁକ୍ରବାର ସନ୍ଧ୍ୟାରେ ଶିବୁନାଙ୍କ ପରିବାର ଲୋକେ ଓ ତାଙ୍କ ସହଯୋଗୀ ମାରଣାସ୍ତ୍ର ଧରି ବିଶ୍ୱନାଥଙ୍କ ଘରେ ପଶି ପାଟିତୁଣ୍ଡ କରିଥିଲେ। ବିଶ୍ୱନାଥଙ୍କ ଝିଅ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ବିଶ୍ୱନାଥ ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଶନିବାର ଭୋରୁ ବିଶ୍ୱନାଥଙ୍କ ଘରେ ନିଆଁ ଲାଗିଯାଇଥିଲା। ଖବରପାଇ ଡେଲାଙ୍ଗ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୨ ବଖରା ପୋଡ଼ିଯିବା ସହ ୧୦ ବସ୍ତା ଧାନ ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡ ଶିବୁନାଙ୍କ ପରିବାର ଲୋକେ କରିଥିବା ନେଇ ବିଶ୍ୱନାଥ ପୁଣି ଅଭିଯୋଗ କରିଛନ୍ତି। ଏ ନେଇ ଫାଣ୍ଡି ଅଧିକାରୀ ଯୁଗଳକିଶୋର ଜେନା ଉଭୟ ପକ୍ଷଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତି ଫାଣ୍ଡିରେ ପହଞ୍ଚି ଘଟଣାର ସମାଧାନ କରିବା ପାଇଁ ଆଲୋଚନା ଜାରି ରହିଛି।

# ସ୍କୁଲ ଖୋଲିବା ନିଷ୍ପତ୍ତିକୁ ସ୍ୱାଗତ, ତଥାପି...

ଭୁବନେଶ୍ୱର, ୨।୧(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୮ତାରିଖରୁ ସ୍କୁଲ ଖୋଲିବ। କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାମାନେ ପାଠ ପଢ଼ିବେ। ଏଥିସହ ମେ' ୩ରୁ ମାଟ୍ରିକ ଓ ୧୫ରୁ ଯୁକ୍ତ୨ ପରୀକ୍ଷା ହେବ। ତେବେ ସ୍କୁଲ କିପରି ଖୋଲିବ ସେ ନେଇ ରାଜ୍ୟ ସରକାର ଏକ ଏସ୍ଓପି ମଧ୍ୟ ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଥିଲେ ମଧ୍ୟ ଏସ୍ଓପି ପାଳନ, ପାଠପଢ଼ା ଓ ପରୀକ୍ଷା ଫଳାଫଳକୁ ନେଇ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷକମାନେ କ'ଣ କହୁଛନ୍ତି ସେ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା।

### ଛାତ୍ରୀଛାତ୍ରଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ



ସ୍କୁଲ ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଜାରି ହୋଇଥିବା ଏସ୍ଓପିକୁ କିପରି ପାଳନ କରାଯାଉଛି ତାହା ଏବେ ବଡ଼ ପ୍ରଶ୍ନବାଚୀ। ସେସବୁକୁ ପରିଚାଳନା କରିବା ନିଶ୍ଚିତ ଚ୍ୟାଲେଞ୍ଜ ହେବ। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଯେପରି କୌଣସି ଅବହେଳା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ।

**– ଶଙ୍କର ସାମନ୍ତରାୟ, ଅଭିଭାବକ**

### ପାଠପଢ଼ା, ରେଜଲ୍ଟ ନିଶ୍ଚିତ ଭିନ୍ନ ରହିବ



ଗୋଟିଏ ଶିକ୍ଷାବର୍ଷରେ ପିଲାମାନେ ଯେପରି ରେଜଲ୍ଟ କରନ୍ତି, ଏହି ୧୦୦ ଦିନରେ ରେଜଲ୍ଟ ନିଶ୍ଚିତ ଭାବେ ଭିନ୍ନ ରହିବ। ସ୍କୁଲ ଖୋଲିବା ନିଷ୍ପତ୍ତି ପୂର୍ବରୁ ହୋଇଥିଲେ ଭଲ ହୋଇଥାଆନ୍ତା। ତେବେ ବିଳମ୍ବରେ ହେଲେ ମଧ୍ୟ ଏହା ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ତେବେ ଜାରି ଏସ୍ଓପିକୁ କଡ଼ାକଡ଼ି ମନିଟରିଂ କରାଯିବା ଆବଶ୍ୟକ। ଏସ୍ଓପି ପାଳନରେ ଶିକ୍ଷକଙ୍କୁ ନିୟୋଜିତ ନ କରିବା ଉଚିତ। ନଚେତ୍ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବ।

**– ଅରୁଣ ସ୍ୱାଇଁ, ଅଭିଭାବକ**

### ଓଏମ୍ଆର୍ ସିଟ୍ ପଦ୍ଧତିରେ ପରୀକ୍ଷା ହେଉ



ସ୍କୁଲ ଖୋଲିବା ନିଷ୍ପତ୍ତି ଠିକ୍ ଅଛି। ପିଲାଙ୍କ ପାଖରେ କମ୍ ସମୟ ଥିବାରୁ ଚଳିତବର୍ଷ କେବଳ ଓଏମ୍ଆର୍ ସିଟ୍ ପଦ୍ଧତିରେ ପରୀକ୍ଷା ହେଉ। ଏଥିସହିତ ପରୀକ୍ଷା ପ୍ରଶ୍ନପତ୍ର ଗୋଟିଏ ମାତ୍ର ସେଟ୍ କରାଯାଉ। କେନ୍ଦୁଝର, କଳାହାଣ୍ଡି, ମୟୂରଭଞ୍ଜ ଭଳି ଜିଲାଗୁଡ଼ିକରେ ପିଲାମାନେ ଅନ୍‌ଲାଇନ୍ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସେହି ପିଲାଙ୍କ ପାଇଁ କୌଣସି ପ୍ରକାରେ କୋଭିଡ୍ କଟକଣା ସହ ହଷ୍ଟେଲ ଖୋଲିବାକୁ ଯୋଜନା ହେଉ।

**–ପ୍ରକାଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ**

### ଅଧିକ ସ୍କୁଲ ଫି' ଆଦାୟ କରା ନ ଯାଉ



ସ୍କୁଲରେ ସାନିଟାଇଜେଶନ ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗ ନେଉ। ଶିକ୍ଷା ବିଭାଗ କେବଳ ପାଠପଢ଼ା ଦାୟିତ୍ୱ ନେଉ। ଶିକ୍ଷକଙ୍କୁ ସାନିଟାଇଜେଶନରେ ନିୟୋଜିତ କରାଗଲେ ପାଠପଢ଼ା ନିଶ୍ଚିତ ବ୍ୟାହତ ହେବ। ଏଥିସହିତ ଓଭର ସ୍କୁଲ ଫି' ଆଦାୟ କରା ନ ଯାଉ। ସରକାର ଏହାକୁ ଏକ ମିଶନ ମୋଡ୍‌ରେ କରନ୍ତୁ। ବିଭିନ୍ନ ବନ୍ୟା, ବାତ୍ୟାରେ ସରକାର ଯେଭଳି ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ ଦିଅନ୍ତି, ସ୍କୁଲ ଖୋଲିବାକୁ ମଧ୍ୟ ଜିରୋ କାଜୁଆଲ୍‌ଟି ଭାବେ କାର୍ଯ୍ୟ ଗ୍ରହଣ କରିବେ।

**– ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**

### ଦ୍ୱନ୍ଦ୍ୱ ଗଲା, ସବୁ ଡାଉଟ୍ ସ୍କୁଲରେ କ୍ଲିୟର ହେବ



ପରୀକ୍ଷା ନିଶ୍ଚିତ ହେବ ବୋଲି ଯଦିଓ ଜାଣି ସାରିଥିଲୁ, କିନ୍ତୁ ସ୍କୁଲ କେବେ ଖୋଲିବ ତାକୁ ନେଇ ବହୁ ଦ୍ୱନ୍ଦ୍ୱରେ ରହିଥିଲୁ। ସରକାର ସ୍କୁଲ ଖୋଲିବା ନିଷ୍ପତ୍ତି ନେଇଥିବାରୁ ଧନ୍ୟବାଦ ଜଣାଉଛି। ବର୍ତ୍ତମାନ କମ୍ ସମୟ ରହିଛି। ପାଠପଢ଼ାକୁ ନେଇ ଯେତେସବୁ ଡାଉଟ୍ ରହିଛି ତାକୁ ଏବେ ସ୍କୁଲରେ କ୍ଲିୟର ହୋଇପାରିବ। କିନ୍ତୁ ସ୍କୁଲରେ ଯେପରି କରୋନାର ସମସ୍ତ କଟକଣାକୁ କଡ଼ାକଡ଼ି ପାଳନ କରାଯିବ ସେଥିପ୍ରତି ଆମେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ।

**– ହଂସିତା ସାମନ୍ତରାୟ, ଛାତ୍ରୀ**

### ମିଳିଥିବା ସମୟର ସଦୁପଯୋଗ କରିବୁ



୨୦୨୦ ବର୍ଷକ ସମୟ ପୂରା ନଷ୍ଟ ହୋଇଯାଇଛି। ପାଠପଢ଼ା ଠିକ୍‌ରେ ହୋଇନି। କୋର୍ସ ସରିନି ଓ ଡାଉଟ କ୍ଲିୟର ହୋଇନି। ବର୍ତ୍ତମାନ ସ୍କୁଲ ଖୋଲିଲେ ଶିକ୍ଷକଙ୍କ ପାଖରେ ଡାଉଟ୍ କ୍ଲିୟର ହୋଇଯିବ। ପରୀକ୍ଷା ପାଇଁ ସେପରି ପ୍ରସ୍ତୁତ ହେବାର ସୁଯୋଗ ନ ଥିଲେ ମଧ୍ୟ ଯେତିକି ବି ସମୟ ମିଳିଛି ଆମେ ତା'ର ସଦୁପଯୋଗ କରିବୁ। ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଚେଷ୍ଟା କରିବି ପରୀକ୍ଷା ଭଲ କରିବି।

**– ଅଙ୍କିତା ସ୍ୱାଇଁ, ଛାତ୍ରୀ**

# ସିଡିଏମ୍ଓଙ୍କ ଅଫିସ ଆଗରେ ଧାରଣା

ପୁରୀ ଅଫିସ,୨।୧:




**ସ୍ଥାୟୀ ନିଯୁକ୍ତି, ଛଟେଇ ବନ୍ଦ ଦାବି**

କୋଭିଡ୍ ମୁକାବିଲାରେ ନିୟୋଜିତ ପାରାମେଡିକାଲ କର୍ମଚାରୀଙ୍କ ମଧ୍ୟରୁ ୭୫ ପ୍ରତିଶତଙ୍କୁ ଚାକିରିରୁ ବିଦା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ଦୃଢ଼ ବିରୋଧ କରିଛି ପୁରୀ ଜିଲା କୋଭିଡ୍-୧୯ ପାରାମେଡିକାଲ ସଂଘ। ପ୍ରତିବାଦ ସ୍ୱରୂପ ଶନିବାର ଶତାଧିକ ପାରାମେଡିକାଲ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଦାବି ହେଲା, କରୋନା ସଂକ୍ରମଣ କମିଛି, କିନ୍ତୁ ଏବେ ବି ସ୍ଥିତି ସ୍ୱାଭାବିକ ହୋଇନି। କେବଳ ୨୫ ପ୍ରତିଶତ କର୍ମଚାରୀଙ୍କୁ ଚାକିରିରେ ରଖି ଅନ୍ୟମାନଙ୍କୁ ଛଟେଇ କରାଇବା ଠିକ୍ ନୁହେଁ। ଅନ୍ୟପକ୍ଷରେ ରାଜ୍ୟରେ ବହୁ ପାରାମେଡିକାଲ ଷ୍ଟାଫ୍ ପଦ ଖାଲି ରହିଛି। ସରକାରଙ୍କୁ କରୋନା ଭଳି ଜରୁରିକାଳୀନ ପରିସ୍ଥିତିରେ ଆମେ ସହଯୋଗ କଲୁ। ତେଣୁ ଉକ୍ତ ଖାଲିପଦରେ ସ୍ଥାୟୀ ନିଯୁକ୍ତି ଦେବା ସରକାରଙ୍କର ଦାୟିତ୍ୱବୋଧ ରହିବା ଉଚିତ। ଧାରଣାସ୍ଥଳରେ ଏସବୁ ଦାବି ନେଇ ସିଡିଏମ୍ଓ, ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବହୁ ସମୟ ପରେ ସିଡିଏମ୍ଓ ସୁଜାତା ମିଶ୍ର ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଦାବିପତ୍ର ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଏନେଇ ଅବଗତ କରାଇବାର ପ୍ରତିଶ୍ରୁତି ପାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଆଉ ଏକ ଦାବିପତ୍ର ଦିଆଯାଇଛି।

## 'ଅଭୁଲା ସ୍ମୃତି କଣ୍ଟା ଓ ଫୁଲ' ପୁସ୍ତକକୁ ନେଇ ଆଲୋଚନା

ପୁରୀ ଅଫିସ,୨।୧:

ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ପକ୍ଷରୁ ସଦାଶିବ ମିଶ୍ରଙ୍କ ଆତ୍ମଜୀବନୀ ପୁସ୍ତକ 'ଅଭୁଲା ସ୍ମୃତି କଣ୍ଟା ଓ ଫୁଲ'କୁ ନେଇ ଏକ ଆଲୋଚନାଚକ୍ର ଶନିବାର ଭକ୍ତ ସାଲବେଗ ସମାଧି ପୀଠରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ବିଜୟଲକ୍ଷ୍ମୀ ଦାସ ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ଅନାମ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ସେହିଭଳି ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ତାଙ୍କ ପୁସ୍ତକରେ ଅନେକ କଥା ରହିଛି ଓ ପୁସ୍ତକଟି ପାଠକଙ୍କ ମଧ୍ୟରେ ବେଶ୍ ଆଦୃତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସମେତ ଦିଲୀପ ସେନାପତି, ରବୀନ୍ଦ୍ରନାଥ ପଟ୍ଟନାୟକ, ବଦ୍ରି ମିଶ୍ର ଓ ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ନାଗପୁର, ବାଙ୍ଗୁରୀଗାଁ, ବଡ଼ନିନିଗାଁରେ ୧୦୮ ଆମ୍ବୁଲାନ୍ସ ଆରମ୍ଭ

ଗୋପ/କାକଟପୁର/ନିମାପଡ଼ା,୨।୧(ଡି.ଏନ୍.ଏ.)

ଗୋପ ବ୍ଲକ ନାଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଶନିବାର ୧୦୮ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ ହୋଇଛି। ନାଗପୁର ଅଞ୍ଚଳରେ ପ୍ରାୟ ସମୟରେ ଦୁର୍ଘଟଣା, ରୋଗୀ ସେବା ପାଇଁ ଆମ୍ବୁଲାନ୍ସଟିଏ ପାଇଁ ଦାବି କରାଯାଇଥିଲା। ପରେ ମନ୍ତ୍ରୀ ଦାଶ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଆସିବା ପରେ ଜିଲା ପରିଷଦ ସଭ୍ୟା ରଶ୍ମିରେଖା ମହାନ୍ତି, ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ, ସୁକାନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ମହାପାତ୍ର ପ୍ରମୁଖ ଆମ୍ବୁଲାନ୍ସର ଉଦ୍‌ଘାଟନ କରିଥିଲେ। ଡ. ଲଲାଟେନ୍ଦୁ ମିଶ୍ର, ଶିବ ପ୍ରସାଦ ମଙ୍ଗରାଜ, ଡ. ଅପରାଜିତା ପାଢ଼ୀ, ୧୦୮ ଆମ୍ବୁଲାନ୍ସ ଅଧିକାରୀ ଲଲାଟେନ୍ଦୁ ପ୍ରଧାନ, କୃଷ୍ଣଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ। ସେହିଭଳି କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବାକୁ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ସର୍ଗ କରିଛନ୍ତି। କାୟା କଳ୍ପ ସ୍ୱଚ୍ଛ, ସ୍ୱାସ୍ଥ୍ୟ, ସର୍ବତ୍ର ଯୋଜନାରେ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ୧୦ଲକ୍ଷ ଟଙ୍କାର ଅନୁଦାନ ରାଶି କାର୍ଯ୍ୟକୁ ମନ୍ତ୍ରୀ ବୁଲି ଦେଖିଥିଲେ। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଆଶିଷ ମହାପାତ୍ର, କାକଟପୁର ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, କବିରାଜ ବିଶ୍ୱାଳ, ପ୍ରାଣନାଥ ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ନିମାପଡ଼ା ବ୍ଲକ ବଡ଼ନିନିଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ସେବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ସରପଞ୍ଚ ସନ୍ଧ୍ୟାରାଣୀ ଛୋଟରାୟ, ସମିତିସଭ୍ୟ ଦୀପକ ଦାସ, ସୁରେନ୍ଦ୍ର ସ୍ୱାଇଁ, ଡା.ଗତିକୃଷ୍ଣ କରନ, ଡା.ସସ୍ମିତା ପଟ୍ଟନାୟକ, ଫାର୍ମାସିଷ୍ଟ ବିଶ୍ୱଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଆଜିଠୁ ଶ୍ରୀମନ୍ଦିରରେ ସାର୍ବଜନୀନ ଦର୍ଶନ

ପୁରୀ ଅଫିସ,୨।୧:



- କୋଭିଡ୍ ନେଗେଟିଭ୍ ରିପୋର୍ଟ, ପରିଚୟପତ୍ର ବାଧ୍ୟତାମୂଳକ
- ସକାଳ ୭.୩୦ରୁ ପହୁଡ଼ ପର୍ଯ୍ୟନ୍ତ ଦର୍ଶନ
- ଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଏଣିକି ଶ୍ରୀଜଗନ୍ନାଥଙ୍କ ଦର୍ଶନ ସର୍ବସାଧାରଣ କରିପାରିବେ। ରବିବାରଠାରୁ ସକାଳ ୭.୩୦ରୁ ରାତ୍ରି ପହୁଡ଼ ପର୍ଯ୍ୟନ୍ତ ଦର୍ଶନ ଚାଲୁ ରହିବ। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଓ ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିବେ। ସମସ୍ତ ଶ୍ରଦ୍ଧାଳୁ ସାଙ୍ଗରେ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣି ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ପୁରୀ ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି। ତେବେ ପୂର୍ବ ଭଳି ବ୍ୟାରିକେଡିଂ ବ୍ୟବସ୍ଥା ରହିବ। ଜଗନ୍ନାଥ ବଲ୍ଲଭଠାରେ ପାର୍କିଂ ହେବ ଓ ଲୋକେ ସେହିଠାରୁ ବ୍ୟାରିକେଡ୍ ମଧ୍ୟରେ ଥିବା କରିଡରରେ ଶ୍ରୀମନ୍ଦିର ପାଖକୁ ଆସିବେ। କିଓସ୍କୋ ବ୍ୟବସ୍ଥାରେ ଶ୍ରଦ୍ଧାଳୁମାନଙ୍କ କୋଭିଡ୍ ରିପୋର୍ଟ, ପରିଚୟ ପତ୍ର ଯାଞ୍ଚ ଓ ଫଟୋ ଉଠା ବ୍ୟବସ୍ଥା ରହିବ। ଏହାପରେ ମୁଖ୍ୟ ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ପ୍ରବେଶ କରିବେ। ତେବେ ପୂର୍ବରୁ ଜାରି ହୋଇଥିବା ଏସ୍ଓପି ବଳବତ୍ତର ରହିବ। କୋଭିଡ୍ ପରୀକ୍ଷା ନେଇ ପୁରୀରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇ ନାହିଁ। ତେଣୁ ପୁରୀ ଆସିବା ପୂର୍ବରୁ ହିଁ କୋଭିଡ୍ ରିପୋର୍ଟ ସାଙ୍ଗରେ ନେଇ ଆସିବା ପାଇଁ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିଭଳି ସହରବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଲାଗି ପୂର୍ବରୁ ଆଲୋଚନା ହେଉଥିଲେ ମଧ୍ୟ ସେଭଳି କୌଣସି ନିଷ୍ପତ୍ତି ହୋଇନି। ପୁରୀବାସୀ ମଧ୍ୟ ସବୁ ଶ୍ରଦ୍ଧାଳୁଙ୍କ ଭଳି ଦର୍ଶନ କରିବେ। ଶ୍ରୀମନ୍ଦିର ପ୍ରବେଶ ପାଇଁ ପୁରୀବାସୀଙ୍କୁ ମଧ୍ୟ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେବାକୁ ପଡ଼ିବ। ପୋଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏନେଇ ଶନିବାର ସନ୍ଧ୍ୟାରେ ପୋଲିସ ଅଧିକାରୀଙ୍କ ସହ ଏସ୍‌ପି କନ୍‌ୱର ବିଶାଲ ସିଂ ଆଲୋଚନା କରିଛନ୍ତି। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ୨ଜଣ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୯ ଇନ୍ସପେକ୍ଟର, ୩୫ ଏସଆଇ ଓ ଏଏସ୍ଆଇ, ୪୦ କନଷ୍ଟେବଳ, ୪୦ ଜଣ ହୋମଗାର୍ଡ ଓ ୧୮ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଏମାନେ ଉଭୟ ଶ୍ରୀମନ୍ଦିର ଦର୍ଶନ ଓ ଟ୍ରାଫିକ୍ ବ୍ୟବସ୍ଥା ଦାୟିତ୍ୱରେ ରହିବେ। ପୁରୀ ଆସୁଥିବା ଲୋକଙ୍କୁ ପ୍ରଥମେ ଜଗନ୍ନାଥ ବଲ୍ଲଭ ପାର୍କିଂରେ ଦୁଇଚକିଆ ଓ ଚାରିଚକିଆ ଯାନ ରଖିବା ପାଇଁ ବ୍ୟବସ୍ଥା ହୋଇଛି। ଗହଳି ଅଧିକ ହେଲେ ପାର୍କିଂରେ ଗାଡ଼ି ରଖିବା ପାଇଁ ସ୍ଥାନ ଅଭାବ ହେଲେ ଯାତ୍ରୀକା, ଶରଧାବାଲି ଓ ଦିଗବାରେଣୀ ପାର୍କିଂ ସ୍ଥଳୀରେ ମଧ୍ୟ ପାର୍କିଂ କରାଯାଇପାରିବ। ସେହିଭଳି ବେଳାଭୂମି ନିକଟବର୍ତ୍ତୀ ଅଞ୍ଚଳରେ ଗହଳି ଜୋର ଧରିବାକୁ ଥିବା ହେତୁ ପ୍ରଶାସନ ପକ୍ଷରୁ ଏଠାରେ ଯଥେଷ୍ଟ ପୋଲିସ ମୁତୟନ ହେବେ। ଲାଇଫ ଗାର୍ଡମାନଙ୍କୁ ମଧ୍ୟ ସଜାଗ ରହିବା ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ଭିଆଇପିଙ୍କ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଲୋକନାଥ ରୋଡ୍ ଦେଇ ପୁରୀ ପ୍ରବେଶ କରିବା ପରେ ଭିଆଇପିମାନଙ୍କ ଚାରିଚକିଆ ଲକ୍ଷ୍ମୀ ମାର୍କେଟ ପର୍ଯ୍ୟନ୍ତ ଆସିବ। ସେଠାରୁ ସେ ସିଧା କିଓସ୍କୋ ଦେଇ ଶ୍ରୀମନ୍ଦିର ପ୍ରବେଶ କରିବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଶ୍ୱଜିତା


@ ସନ୍ଧ୍ୟାରାଣୀ


@ ତାରାପ୍ରସାଦ


@ କାହ୍ନା


@ ଅମିୟ କୁମାର


@ ସତ୍ୟଜିତ୍


@ସ୍ମୃତି


@ଶେଖ୍ ରଜାକ


@ସଞ୍ଜିତ୍

## ତହସିଲଦାରଙ୍କୁ ଆଇନଜୀବୀଙ୍କ ନବବର୍ଷ ଅଭିନନ୍ଦନ

ବ୍ରହ୍ମଗିରି, (ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ତହସିଲରେ ନୂତନ ଭାବେ ଯୋଗଦେଇଥିବା ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କୁ କୃଷ୍ଣପ୍ରସାଦ ବାର୍ ଆସୋସିଏଶନ ତରଫରୁ ନବବର୍ଷର ଅଭିନନ୍ଦନ ଜଣାଯାଇଛି। ଏ ନେଇ ତହସିଲ ଅଫିସରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ ବୈଠକ ଆୟୋଜନ ହୋଇଥିଲା। ଏଥିରେ ପାରିକୁଦ ଓ କୃଷ୍ଣପ୍ରସାଦକୁ ଏକ ବିକଶିତ ଅଞ୍ଚଳଭାବେ ଗଠନ କରିବାକୁ ତହସିଲଦାର ଆଶା ବାନ୍ଧିଥିବାରୁ ଓକିଲମାନେ ସାଧୁବାଦ ଜଣାଇଥିଲେ। ଓକିଲ ସଂଘ ସଭାପତି ସଂଗ୍ରାମ କେଶରୀ ଦଳେଇ, ସମ୍ପାଦକ ବିକ୍ରମ ବିହାରୀ ଜେନା ଓ ଉପସଭାପତି ରଶ୍ମି ପ୍ରଧାନ, ଆଇନଜୀବୀ ରମେଶ ଚନ୍ଦ୍ର ସାହ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଟ୍ରକ୍‌କୁ ପିଟିଲା ଟ୍ରକ୍, ଡ୍ରାଇଭର ଗୁରୁତର

ବାଲୁଗାଁ,୨।୧(ଡି.ଏନ୍.ଏ.)- ୧୬ ନଂ. ଜାତୀୟ ରାଜପଥ ବାଲୁଗାଁ ବାଇପାସ ରାସ୍ତାର ସରଳସିଂ ଛକ ନିକଟରେ ଶନିବାର ଗୋଟିଏ ଟ୍ରକକୁ ଅନ୍ୟ ଏକ ଟ୍ରକ ପଛରୁ ଧକ୍କା ଦେବାରୁ ଜଣେ ଡ୍ରାଇଭର ଗୁରୁତର ହୋଇଛନ୍ତି। ଆହତ ଜଣକ ହେଲେ ଝାଡ଼ଖଣ୍ଡସ୍ଥିତ ଭାଦୁଆ ଗ୍ରାମର ନିରାଜ ଖାନ୍। ଖବର ଅନୁଯାୟୀ, ବ୍ରହ୍ମପୁରରୁ ବଡ଼ବିଲ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକର ଚକା ଫାଟି ଯିବାରୁ ସରଳ ସିଂ ଛକ ନିକଟ ରାସ୍ତାପାର୍ଶ୍ୱରେ ଗାଡ଼ିଟି ରହିଥିଲା। ଅପରାହ୍ନ ପ୍ରାୟ ୫ଟାରେ ଏକ କୋଇଲା ବୋଝେଇ ଟ୍ରକ ଦ୍ରୁତଗତିରେ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଟ୍ରକର ପଛପଟକୁ ଧକ୍କା ଦେଇଥିଲା। ଫଳରେ ଦ୍ୱିତୀୟ ଟ୍ରକ୍‌ର ଡ୍ରାଇଭର ଜଣକ ଟ୍ରକ୍ ଭିତରେ ଚାପି ହୋଇ ଗୁରୁତର ହୋଇଥିଲେ। ଖବରପାଇ ନାଚୁଣି ପୋଲିସ, ବାଲୁଗାଁ ଏବଂ ଗଙ୍ଗାଧରପୁରର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘସମୟ ଧରି ପରିଶ୍ରମ ପରେ ଫସିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାକୁ ନେଇଥିଲେ। ଡ୍ରାଇଭରଙ୍କ ୨ଟି ଗୋଡ଼ ଭାଙ୍ଗିଯାଇଥିବାବେଳେ ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଛି। ଅବସ୍ଥା ସଙ୍କଟପନ୍ନ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପଟେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ନାଟ୍ୟ ନିର୍ଦ୍ଦେଶକ ନରୋତ୍ତମ ସାହୁଙ୍କ ପରଲୋକ



ବୋଲଗଡ, ୨।୧(ଡି.ଏନ୍.ଏ.) ସଙ୍ଗୀତଜ୍ଞ, କଣ୍ଠଶିଳ୍ପୀ, ନାଟ୍ୟ ନିର୍ଦ୍ଦେଶକ, କଳାକାର, କବି ଓ ସାମାଜିକ କର୍ମୀ ଖୋର୍ଦ୍ଧା ଜିଲା ବୋଲଗଡ ଗ୍ରାମର ନରୋତ୍ତମ ସାହୁ(୫୨)ଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଛି। ଏହି ଖବର ପାଇବା ପରେ ବୋଲଗଡ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସେ ଅସୁସ୍ଥତା କାରଣରୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକ ଉପସ୍ଥିତ ଥିବାବେଳେ ତାଙ୍କ ଶେଷ ଦର୍ଶନ ପାଇଁ ବୋଲଗଡ ଅଞ୍ଚଳର ବ୍ୟକ୍ତିମାନେ ପହଞ୍ଚିଥିଲେ। ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ନରୋତ୍ତମଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ବିଶ୍ୱଜିତ୍ ମୁଖାଗ୍ନି ଦେଇଥିଲେ। ନରୋତ୍ତମଙ୍କ ପରଲୋକରେ ବୋଲଗଡ଼ ମହୋତ୍ସବ ଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ମହଲରୁ ଶୋକପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସେ ଅନେକ କ୍ୟାସେଟ୍‌ରେ କଣ୍ଠଦାନ କରିଥିବାବେଳେ ବିଭିନ୍ନ ନାଟକର ନିର୍ଦ୍ଦେଶନା ମଧ ଦେଇଛନ୍ତି।

# ଆଜିଠୁ ଖୋଲିବ ମନ୍ଦିର, ଧାର୍ମିକ ଅନୁଷ୍ଠାନ

**ଏସ୍‌ଓପି ଜାରି କଲା ଜିଲା ପ୍ରଶାସନ**
- ବିନା ମାସ୍କରେ ଦର୍ଶନ ମନା
- ମନ୍ଦିର ବେଢ଼ାରେ ଗହଳି କରିବେ ନାହିଁ
- ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜ
- ବଣଭୋଜି ପାଇଁ ନାହିଁ ଅନୁମତି

ଖୋର୍ଦ୍ଧା ଅଫିସ,୨।୧

ଖୋର୍ଦ୍ଧା ଜିଲାରେ ବିଏମ୍‌ସିକୁ ବାଦଦେଇ ଗ୍ରାମାଞ୍ଚଳରେ ଥିବା ସମସ୍ତ ମନ୍ଦିର ଏବଂ ଧାର୍ମିକ ଅନୁଷ୍ଠାନ ରବିବାର ଖୋଲିବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଷ୍ଟାଣ୍ଡାର୍ଡ ଅଫ୍ ପ୍ରୋସିଜୁଅର(ଏସ୍‌ଓପି) ଜାରି କରାଯାଇଥିବା ଜିଲାପାଳ ସନତ ମହାନ୍ତି ଶନିବାର ସୂଚନା ଦେଇଛନ୍ତି। କରୋନା କଟକଣା ଯୋଗୁ ଗତ ମାର୍ଚ୍ଚ ୨୨ ତାରିଖ ଠାରୁ ଜିଲାରେ ସମସ୍ତ ଦେବଦେବୀ ମନ୍ଦିର ଏବଂ ଧାର୍ମିକ ଅନୁଷ୍ଠାନ ବନ୍ଦ ରହିଥିଲା। ଭକ୍ତଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିଥିଲା। ଜିଲାରେ କରୋନା ନିୟନ୍ତ୍ରଣାଧୀନ ରହିଛି। ନିକଟରେ ସମସ୍ତ ମନ୍ଦିର ପରିଚାଳନା କମିଟି ଏବଂ ଧାର୍ମିକ ଅନୁଷ୍ଠାନ ପ୍ରତିନିଧିଙ୍କ ସହ ଜିଲା ପ୍ରଶାସନର ଆଲୋଚନା ହୋଇଥିଲା। ସମସ୍ତଙ୍କ ମତାମତଙ୍କୁ ଭିତ୍ତି କରି ଜିଲାରେ ଜାନୁୟାରୀ ୩ତାରିଖରେ ମନ୍ଦିର ଖୋଲିବା ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ ମହାନ୍ତି କହିଛନ୍ତି। ତେବେ ମନ୍ଦିରରେ କୋଭିଡ୍-୧୯ ଗାଇଡ୍‌ଲାଇନ ପାଳନ ଲାଗି କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିରକୁ ସମସ୍ତ ଭକ୍ତ ମାସ୍କ, ସାନିଟାଇଜ ଏବଂ ସାମାଜିକ ଦୂରତା ରକ୍ଷା କରି ଦର୍ଶନ କରିବେ। ମନ୍ଦିର ପରିସରରେ ଅଯଥା ଗହଳି ନ କରିବାକୁ ମନ୍ଦିର ପରିଚାଳନା କମିଟିକୁ ତାଗିଦ୍ କରାଯାଇଛି। ମନ୍ଦିର ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ ଏବଂ ସାନିଟାଇଜ ବ୍ୟବସ୍ଥା ରହିବ। ପ୍ରବେଶ ଓ ପ୍ରସ୍ଥାନ ଅଲଗା ବ୍ୟବସ୍ଥା କରିବେ। ମନ୍ଦିର ଆଗରେ କୋଭିଡ୍- ୧୯ ସଚେତନତା ପୋଷ୍ଟର ଲଗାଇବା ଲାଗି କୁହାଯାଇଛି। ମନ୍ଦିର ଦର୍ଶନ ଲାଗି ଏକା ଥରକେ ପ୍ରବେଶ କରିବେ ନାହିଁ। ପର୍ଯ୍ୟାୟ କ୍ରମେ ଭକ୍ତଙ୍କୁ ମନ୍ଦିର ଭିତରକୁ ଛାଡିବାକୁ ତାଗିଦ୍ କରାଯାଇଛି। ମନ୍ଦିର ବେଢାରେ ଭକ୍ତମାନେ ଅଯଥା ଭିଡ କରିବେ ନାହିଁ। ସ୍ଥାନୀୟ ତହସିଲଦାର ଏବଂ ପୋଲିସ ଅଧିକାରୀ ମନ୍ଦିର ଭିଡ଼ ନିୟନ୍ତ୍ରଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଖୋର୍ଦ୍ଧାର ପ୍ରମୁଖ ମନ୍ଦିର ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର, ସାମନ୍ତରାପୁରସ୍ଥିତ ସ୍ୱପ୍ନେଶ୍ୱର, ଗୋଡ଼ାସ୍ଥିତ ଗୋଡ଼ା ଲୋକନାଥ, ମା' ଉଗ୍ରତାରା ଏବଂ ବାଣପୁର ଭଗବତୀ, କାଳିଜାଇ ପୀଠ ସମେତ ଜିଲାର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ବରୁଣେଇ ପୀଠ, କାଇପଦରସ୍ଥିତ ପୀରବାବାପୀଠରେ ପ୍ରବଳ ଭିଡ଼ ହେବା ଆଶଙ୍କା ରହିଛି। ରବିବାର ଛୁଟିଦିନ ଥିବାରୁ ଭକ୍ତ, ପର୍ଯ୍ୟଟକଙ୍କ ସମାଗମ ହେବା ସମ୍ଭାବନା ରହିଛି। କୋଭିଡ ଗାଇଡଲାଇନକୁ ଦୃଷ୍ଟିରେ ରଖି ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ସମସ୍ତ ମନ୍ଦିର ପରିଚାଳନା କମିଟି ଏବଂ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ କୁହାଯାଇଛି। ଜିଲାର ସମସ୍ତ ପର୍ଯ୍ୟଟନ କେନ୍ଦ୍ର ଖୋଲାଯାଇଛି। ପର୍ଯ୍ୟଟକଙ୍କ ଭିଡ଼ ମଧ ଜମିବାରେ ଲାଗିଛି। ଚିଲିକା ପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ତେବେ କୌଣସି ପର୍ଯ୍ୟଟନ ସ୍ଥଳରେ ବଣଭୋଜି ଆୟୋଜନ ପାଇଁ ଅନୁମତି ଦିଆଯିବ ନାହିଁ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଏଜେ କ୍ଲବ୍ ଚାମ୍ପିୟନ

ନିରାକାରପୁର, ୨।୧(ଡି.ଏନ.ଏ.)



ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ମୁଣ୍ଡାଆମ୍ବ ଆଦିବାସୀ ଖେଳପଡିଆରେ ଚାଲିଥିବା ପଞ୍ଚମ ବାର୍ଷିକ ବାବା ଆମ୍ବେଡକର ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଧୋବାପାଟଣା ଏଜେ କ୍ଲବ୍ ଓ ପାଇକ ତିଗିରିଆର କାଳିଆ ଷଣ୍ଡ ସ୍ପୋର୍ଟିଂ କ୍ଲବ୍ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଇକ ତିଗିରିଆକୁ ୧-୦ ଗୋଲରେ ହରାଇ ଏଜେ କ୍ଲବ ଚାମ୍ପିୟନ ହୋଇଛି। ସୁକାନ୍ତ ପ୍ରଧାନ, ଚିତ୍ତରଞ୍ଜନ ପରିଡା ଖେଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ମୁଖ୍ୟବକ୍ତା ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଦଳେଇ, ସମ୍ମାନିତ ଅତିଥି ଖୋର୍ଦ୍ଧା ବ୍ଲକ ଆତ୍ମା ଅଧ୍ୟକ୍ଷ ରୁଦ୍ରଭାନୁ ନରେନ୍ଦ୍ରଜିତ ସିଂ, ବିଶ୍ୱଭୂଷଣ ଛୋଟରାୟ, ଅକ୍ଷୟ ଉଦୟ ସିଂ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଶହ ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ। ଓଁ ଶ୍ରୀ ଯୁବ ପରିଷଦର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନରେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଗର କହଲସିଂହ, ମାଧବ ନାୟକ, ଦିବାକର ନାୟକ, ଶ୍ରୀନିବାସ ନାୟକ, ସୁଦର୍ଶନ ନାୟକ, ସାଧୁ ଚରଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ମଞ୍ଚେଶ୍ୱରକୁ ହରାଇ ନଁପୁଟ ଚାମ୍ପିୟନ




ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଥିବା ନଂପୁଟ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

**ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ବେଗୁନିଆ,୨।୧(ଡି.ଏନ୍.ଏ.)

କଣ୍ଟାବାଡ଼ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ଖେଳପଡ଼ିଆରେ ୨ ସପ୍ତାହ ଧରି ଚାଲିଥିବା ରାଜ୍ୟସ୍ତରୀୟ ନୀଳକଣ୍ଠ-ପଦ୍ମଚରଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମଞ୍ଚେଶ୍ୱର କ୍ରିକେଟ କ୍ଲବକୁ ୫ ଉଇକେଟ ହରାଇ ନଁପୁଟ ଦଳ ଚାମ୍ପିୟନ ହୋଇଛି। ମ୍ୟାଚକୁ ସରପଞ୍ଚ ପ୍ରଶାନ୍ତ ବେହେରା ଆରମ୍ଭ କରିଥିବାବେଳେ ଟସ୍ ଜିତି ପ୍ରଥମେ ମଞ୍ଚେଶ୍ୱର ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟରେ ୧୮୩ ରନ ସଂଗ୍ରହ କରିଥିଲା। ଜବାବରେ ନଁପୁଟ ଟିମ୍ ୧୮.୪ ଓଭରରେ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। ନଁପୁଟ ଟିମ୍‌ର ଆଇ.ଏସ୍. ଗିରି ମ୍ୟାନ ଅଫ ଦି ସିରିଜ୍, ମଞ୍ଚେଶ୍ୱର ଟିମ୍‌ର ଶେଖ ସଲମାନ ମ୍ୟାନ ଅଫ ଦି ମ୍ୟାଚ, ଉତ୍ତମ ମହାନ୍ତି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, କାଞ୍ଚା ମହାନ୍ତି ଶ୍ରେଷ୍ଠ ବୋଲର, ନଁପୁଟ ଟିମ୍‌ର ଅମିତ ବଡ଼ଜେନା ଶ୍ରେଷ୍ଠ ଫିଲଡର ଭାବେ ବିବେଚିତ ହୋଇଥିଲେ। ଓଡ଼ିଶା ରଣଜୀ ଦଳ ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ବି.ବି.ସି.ସି. ମହାପାତ୍ର, ସାମାଜିକ କର୍ମୀ ଶିବ ନାରାୟଣ ମିଶ୍ର, ସୁରେନ୍ଦ୍ର ପଣ୍ଡା, ଆସୋସିଏଶନ ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ସୌମ୍ୟରଞ୍ଜନ ଦାଶ, ଇଂଅମୂଲ୍ୟ ବାହିନୀପତି ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀକାନ୍ତ ବାହିନୀପତି, ସୁଧୀର ରଞ୍ଜନ ପଣ୍ଡା ମ୍ୟାଚ ପରିଚାଳନା କରୁଥିବାବେଳେ ସସ୍ମିତ ଦାଶ, ମିଥୁନ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବଂଶୀଧର ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ନରସିଂହ ପ୍ରଧାନ, ସୂର୍ଯ୍ୟନାରାୟଣ ଓଝା, ଶ୍ରୀବସ ପାଣିଗ୍ରାହୀ ଓ ସୁନୀଲ ପାଣିଗ୍ରାହୀ ସହଯୋଗ କରିଥିଲେ।

## ବ୍ୟବସାୟୀଙ୍କଠାରୁ ଲୁଟ, ୨ ଗିରଫ

ଖୋର୍ଦ୍ଧା ଅଫିସ,୨।୧

ଜଣେ ବ୍ୟବସାୟୀଙ୍କ ଠାରୁ ଲୁଟ୍ ଘଟଣାରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ସ୍ଥାନୀୟ ଶରଧାପୁର ଗ୍ରାମର ସେକ୍ ଇମ୍ତିଆଜ୍ ଓରଫ ବବୁଲ (୨୫) ଓ ସେକ୍ ତୌସିପ ଓରଫ କୁନ୍ (୩୦)। ପୋଲିସ ଲୁଟ ଟଙ୍କା ଏବଂ ବାଇକ୍ ଜବତ କରିଛି।

ପ୍ରକାଶ ଯେ, ଶୁକ୍ରବାର ରାତିରେ ଡେଲାଙ୍ଗ ଥାନା ଜଟଣୀ ନିକଟସ୍ଥ ହରିରାଜପୁର ଗ୍ରାମର ଶାନ୍ତନୁ କୁମାର ପାତ୍ର (୪୦) ଶୁଖୁଆ ଆଣିବା ପାଇଁ ନିଜ ପିକ୍‌ଅପ୍ ଭ୍ୟାନରେ ସୁନାଖଳା ବଜାରକୁ ଯାଉଥିଲେ। ଖୋର୍ଦ୍ଧା ଉପକଣ୍ଠ ଚିଙ୍ଗୁଡ଼ିଝର ନିକଟ ପେଟ୍ରୋଲ ପମ୍ପ ଠାରେ ତାଙ୍କୁ ପଛରୁ ପିଛା କରୁଥିବା ଗିରଫ ଅଭିଯୁକ୍ତଦ୍ୱୟ ଏକ ବାଇକ୍‌ରେ ଆସି ପିକ୍‌ଅପ୍ ଭ୍ୟାନକୁ ଅଟକାଇ ଥିଲେ। ଶାନ୍ତନୁଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ୬୦ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ଶାନ୍ତନୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧/୨୦୨୧) ରୁଜୁ କରି ଶରଧାପୁର ଗ୍ରାମରେ ଚଢାଉ କରିଥିଲା। ସେଠାରୁ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି।

## କୃଷ୍ଣପ୍ରସାଦ ଚିଲିକା ଘିମୁଦା ଘାଟ ସଫେଇ

କୃଷ୍ଣପ୍ରସାଦ,୨।୧(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକର ପର୍ଯ୍ୟଟନସ୍ଥଳ ପାରିକୁଦ ଗଡ ଘିମୁଦା ଜେଟିକୁ ବୋଇତ ବନ୍ଦାଣ ପରିଚାଳନା କମିଟି ପକ୍ଷରୁ ସଫେଇ କରାଯାଇଛି। କମିଟି ସଭାପତି ବାଉରିବନ୍ଧୁ ଦଳେଇଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ଯୋଗଦେଇ ସ୍ୱଚ୍ଛତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିସହ ଚିଲିକା କୂଳକୁ ସ୍ୱଚ୍ଛତା ରଖିବା ପାଇଁ ସଫେଇ କର୍ମଚାରୀ, ବ୍ୟବସାୟୀ, ଉଠାଦୋକାନୀ, ଅଟୋ ଚାଳକ ଓ ଉପସ୍ଥିତ ଜନସାଧାରଣଙ୍କୁ ଶପଥ ପାଠ କରାଇଛନ୍ତି। ଏହି କାର୍ଯ୍ୟରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କ ସହଯୋଗରେ ଆରକ୍ଷୀ ବନ୍ଧୁମାନେ ସହଯୋଗ କରିଥିଲେ। ହାବିଲଦାର ନିତ୍ୟାନନ୍ଦ ପାତ୍ର, ଯୁବନେତା ମନୋଜ ବିଶ୍ୱାଳ, ବିଜୟ ଜେନା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରବୀର ଦଣ୍ଡସେଣା, ମୁନା ବେହେରା, ବବୁଲ୍ ବେହେରା, ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ମୁଖ୍ୟାଳୟରେ ଡମି ଟିକା ଟ୍ରାଏଲ୍

ଖୋର୍ଦ୍ଧା ଅଫିସ,୨।୧

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ଟିକାକରଣ ପୂର୍ବ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସନତ୍ ମହାନ୍ତି ଏହାକୁ ଉଦ୍‌ଘାଟନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଟିକାକରଣ ଗାଇଡ୍‌ଲାଇନ ଏବଂ ଏସ୍‌ଓପି ବାବଦରେ ସିଡିଏମଓ ବିଶ୍ୱରଞ୍ଜନ ପତିଙ୍କ ସହ ଆଲୋଚନା କରିଥିଲେ। କୋଭିଡ୍ ଗାଇଡଲାଇନ ଅନୁସାରେ ସ୍ୱାସ୍ଥ୍ୟକର୍ମୀମାନେ ଟିକାକରଣ କେନ୍ଦ୍ରକୁ ଆସିଥିଲେ। ପ୍ରବେଶ ପଥରେ ଥର୍ମାଲ ସ୍କାନିଂ, ସାନିଟାଇଜ, ଆଧାରକାର୍ଡ ଯାଞ୍ଚ ପରେ ପ୍ରତୀକ୍ଷାଳୟରେ ବସିଥିଲେ। ପରେ ପର୍ଯ୍ୟାୟକ୍ରମେ ନିରୀକ୍ଷଣ କକ୍ଷରେ ପୁନଃ ଆଧାରକାର୍ଡ ଯାଞ୍ଚ ସହ ଟିକା ନେଇଥିଲେ।



ସେଠାରୁ ପୁଣି ଏକ ନିରୀକ୍ଷଣ କକ୍ଷରେ ୩୦ମିନିଟ ଅପେକ୍ଷା ପରେ ବାହାରିଥିଲେ। ସମ୍ପୂର୍ଣ୍ଣ ପ୍ରକ୍ରିୟାର ଡମି ମକ୍‌ଡ୍ରିଲ ମାଧମରେ ଦେଖାଇଥିଲେ। ଖୋର୍ଦ୍ଧା ଜିଲାରେ ପ୍ରଥମ ପର୍ଯ୍ୟାୟରେ ୭,୫୫୬ଜଣ କୋଭିଡ୍ ଯୋଦ୍ଧାଙ୍କୁ ଟିକା ଦିଆଯିବାକୁ ସ୍ଥିର କରାଯାଇଛି। ୧୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଗୋଟିଏ କେନ୍ଦ୍ରରେ ଟିକା ପ୍ରଦାନ କରାଯିବ। ଏଥିଲାଗି ୫୪୮ଜଣ କର୍ମଚାରୀ ନିୟୋଜିତ ରହିବେ। ଟିକାକରଣ ପାଇଁ ୫ ଜଣିଆ ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ଭାକ୍ସିନେଟର, ଜଣେ ଭାକ୍ସିନେଶନ ଅଧିକାରୀ, ଜଣେ ଭେରିଫାୟର ଓ ଦୁଇ ଜଣ ସୁପରଭାଇଜର ରହିବେ ବୋଲି ସିଡିଏମ୍‌ଓ ପତି କହିଛନ୍ତି। ଅତିରିକ୍ତ ସିଡିଏମ୍‌ଓ ଦ୍ୱାରିକାନାଥ ଶତପଥୀ ଟିକାକରଣ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଡିଏଚ୍‌ଏଚ୍ ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ଡିପିଏଚ୍‌ସିଓ ପ୍ରସନ୍ନ ମହାପାତ୍ର, ଡିଏଚ୍‌ଏଚ୍ ହସ୍ପିଟାଲ ମ୍ୟାନେଜର ଡା. ମୀରା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

କୃଷ୍ଣପ୍ରସାଦ,୨।୧(ଡି.ଏନ୍.ଏ.)- କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାଇକରାପୁର ଗୋପବନ୍ଧୁ ପାଠାଗାରର କ୍ରିକେଟ୍ କ୍ଲବ୍ ତରଫରୁ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୁକାନ୍ତ କୁମାର ଦଳେଇଙ୍କ ନେତୃତ୍ୱରେ କ୍ରୀଡ଼ା ଉତ୍ସବ ଆୟୋଜନ କରାଯାଇଛି। ଖେଳରୁ ଆୟୋଜିତ ଅର୍ଥ ଗ୍ରାମର ୨ ଯୁବ କ୍ରିକେଟର ସ୍ୱର୍ଗତ ସନାତନ ଦଳେଇ ଓ ଦୁଃଶାସନ ବେହେରାଙ୍କ ପରିବାରକୁ ସହାୟତା ଦିଆଯିବ ବୋଲି ଗୋପବନ୍ଧୁ ପାଠାଗାରର ସଭାପତି ରାମହରି ନାୟକ ପ୍ରକାଶ କରିଛନ୍ତି। ଏହି ୨ଜଣ ଖେଳ ପ୍ରତି ଆକୃଷ୍ଟ ଥିବାବେଳେ ଚଳିତବର୍ଷ ହିଁ ଉଭୟଙ୍କ ଅକାଳ ବିୟୋଗ ହୋଇଥିଲା। ସେମାନଙ୍କ ଉଦ୍ଦେଶ୍ୟରେ ସନା ଧୁଶା କ୍ରିକେଟ ମେମୋରିଆଲ ନାମରେ ରାଜ୍ୟସ୍ତରୀୟ କ୍ରୀଡ଼ା ଉତ୍ସବ ଆୟୋଜନ କରିଛନ୍ତି । ବିଜେତା ଦଳକୁ ୨୧ହଜାର, ରନର୍ସଅପ ଦଳକୁ ୧୫ ହଜାର, ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ବିଜେତାଙ୍କୁ ୫ହଜାର ଟଙ୍କା ସହାୟତା ଦିଆଯିବ ବୋଲି ସମ୍ପାଦକ ବ୍ରହ୍ମଚାରୀ ସାହୁ କହିଛନ୍ତି। ଚଳିତ ମାସ ୧୧ତାରିଖରୁ ଖେଳ ଆରମ୍ଭ ହୋଇ ୧୭ତାରିଖରେ ଶେଷ ହେବ ବୋଲି କୋଷାଧକ୍ଷ ଲଳିତ ମୋହନ ସାହୁ କହିଛନ୍ତି।

**WANTED IMMEDIATELY**
B.Com with Computer Knowledge. 3 Year Experience in GROCERY MALL, At: Nayagarh.
Contact: Ranjan Kumar Prusty
Mob.: 9437052895
7978444056

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ସଂ. CPM/III/BBS/T/02/2020, ତା: 23.12.2020
କାର୍ଯ୍ୟର ନାମ : ରେଲୱେ ପ୍ରକଳ୍ପ ନିମନ୍ତେ ପ୍ରକଳ୍ପ ପ୍ରବନ୍ଧନ ପରାମର୍ଶ ସେବା : ପୂର୍ବ ତଟ ରେଳପଥର ରାଣିତାଲ ଜଙ୍କସନ କ୍ୟାବିନ୍ ଠାରୁ ଜଖପୁରା (57 କି.ମି. ଆନୁମାନିକ) ଏବଂ ହରିଦାସପୁର ଠାରୁ ବଇରୀ (16 କି.ମି. ଆନୁମାନିକ) ଷ୍ଟେସନଗୁଡ଼ିକ ମଧ୍ୟରେ ତୃତୀୟ ଲାଇନ୍ ସମ୍ବନ୍ଧୀୟ ଫର୍ମେସନରେ ମାଟି କାମ, ଛୋଟ ଓ ବଡ଼ ପୋଲ, ସର୍ଭିସ୍ ବିଲ୍ଡିଙ୍ଗ, ବାଲାଷ୍ଟ ଯୋଗାଣ ଏବଂ P.Way ଲିଙ୍କିଙ୍ଗ, ସର୍ଭିସ୍ ବିଲ୍ଡିଙ୍ଗଗୁଡ଼ିକର ଜେନେରାଲ ବିଦ୍ୟୁତୀକରଣ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 649.68 ଲକ୍ଷ, EMD (ଟଙ୍କାରେ) : ₹ 4,74,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 30 (ତିରିଶି) ମାସ ।
ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ : ତା.22.01.2021ରିଖ 1200 ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ : ତା.22.01.2021ରିଖ 1230 ଘଟିକା ।
ଟେଣ୍ଡରର ପୂର୍ବ ସମ୍ମିଳନୀ : ତା.11.01.2021ରିଖ 1100 ଘଟିକାରେ ।
ରେଳବାଇ ର ମାନଦଣ୍ଡ ପୂରଣ କରୁଥିବା ଜଏଣ୍ଟ ଭେଞ୍ଚର ଫାର୍ମ ମାନଙ୍କ ନିମନ୍ତେ ଅନୁମତି ଅଛି ।
ଟେଣ୍ଡର ଫର୍ମ ଉପଲବ୍ଧ ହେବା କାର୍ଯ୍ୟାଳୟ : ସହାୟକ ନିର୍ବାହୀ ଯନ୍ତ୍ରୀ (ନିର୍ମାଣ) / କାର୍ଯ୍ୟ, ଦ୍ୱିତୀୟ ମହଲା, ରେଳ ସଦନ, ସାମନ୍ତ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017
ଆବଶ୍ୟକୀୟ ଯୋଗ୍ୟତାର ମାନଦଣ୍ଡ ସହିତ ଟେଣ୍ଡର ବିଜ୍ଞପ୍ତି ସହିତ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଇତ୍ୟାଦି ଏବଂ ଟେଣ୍ଡର ନଥିପତ୍ର ୱେବସାଇଟ୍ www.eastcoastrail.indianrailways.gov.in ରେ ଦେଖାଯାଇପାରିବ / ଡାଉନଲୋଡ୍ କରାଯାଇପାରିବ ।
ଦ୍ରଷ୍ଟବ୍ୟ : ଯଦି କୌଣସି ପରିବର୍ତ୍ତନ / ରୂପାନ୍ତରଣ ଆବଶ୍ୟକ ହୁଏ, ତେବେ ତାହା ଟେଣ୍ଡର ଖୋଲାଯିବାର 10 (ଦଶ) ଦିନ ପୂର୍ବରୁ ୱେବସାଇଟରେ ପୋଷ୍ଟ କରିଦିଆଯିବ ଏବଂ ଉପରୋକ୍ତ ୱେବସାଇଟରୁ ତାହାକୁ ଦେଖାଯାଇପାରିବ / ଡାଉନଲୋଡ୍ କରାଯାଇପାରିବ ।
ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-III/ ଭୁବନେଶ୍ୱର
PR-76/CD/20-21

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o- GENERAL MANAGER (ELECT.), EHT O&M CIRCLE, BURLA
Lifeline of Odisha No.- CAD-1008 CIN:U40102OR2004SGC007553
TENDER CALL NOTICE NO.BRL-26/2020-21
Tenders for Hiring of vehicles at 04 offices under the jurisdiction of EHT (O&M) Circle, Burla. Sale of tender paper starts from:04.01.2021. For Detail specification/corrigendum please visit: www.optcl.co.in.
Sd/-General Manager (EL) EHT (O&M) Circle, Burla
FIPR- 56/2020-21 OIPR-04011/11/0088/2021

**CLASSIFIED DISPLAY**
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରହଲ୍ଲାଦ ବେହେରା
ରାଣୀପାଟଣା, ଦର୍ଜିପୋଖରୀ, ବାଲେଶ୍ୱର
ଆବିର୍ଭାବ: ୦୬।୦୨।୧୯୫୬
ତିରୋଧାନ: ୨୪।୧୨।୨୦୨୦
ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତି- ନାତୁଣୀ, ଶୁଭେଚ୍ଛୁ, ପରିବାରବର୍ଗ ଓ ଗ୍ରାମବାସୀବୃନ୍ଦ ।
ଧ-୧୯୪୪୦

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସତ୍ୟାନନ୍ଦ ଦାସ
ଆବିର୍ଭାବ: ୦୪।୦୧।୧୯୫୬
ତିରୋଧାନ: ୨୪।୧୨।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଅଫେରା ବାଟରେ ଆପଣ ଚାଲିଗଲେ। ଆପଣଙ୍କ ଆବର୍ତ୍ତମାନରେ ପ୍ରତିଟି ମୁହୂର୍ତ୍ତ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଉପଦେଶ ଓ ମେଳାପି ସ୍ୱଭାବକୁ ଝୁରିଝୁରି ବଞ୍ଚୁଛୁ। ଆଜି ଆପଣଙ୍କ ଏକାଦଶାହ ଦିବସ ଅବସରରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାରବର୍ଗ:-
ପତ୍ନୀ: ଗୀତାରାଣୀ ଦାସ, ପୁତ୍ର: ଶୁଭେନ୍ଦୁ କୁମାର ଦାସ, ପୁତ୍ରବଧୂ: ମାନି, ଝିଅ: ମୁନା, ଟିକୁ, ଜ୍ୱାଇଁ: ଚିକୁ, ଚିନୁ, ଭଣଜା:ଦୀପୁ, ପୁତୁରା: ପ୍ରତାପ, ଚନ୍ଦନ, ଚନ୍ଦ୍ରକାନ୍ତ, ଦେବନ, ସୁବନ, ଝିଆରୀ: ନର୍ମଦା, ଐଶ୍ୱର୍ଯ୍ୟା, ବନିତା, ନାତି-ନାତୁଣୀ: ବିରାଗ, କାର୍ତ୍ତି, କୌଶିକ, ରିଶବ, ଆରାଧ୍ୟା, ରିଶିତ୍, ତ୍ରିଶା, ଭାତୃବର୍ଗ: ନିତ୍ୟାନନ୍ଦ, ଆଦିକନ୍ଦ, ଚୈତନ୍ୟ, ପଦ୍ମଚରଣ ।
ଧ-୧୯୪୪୩

**ସ୍ମୃତି ତର୍ପଣ**
**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ**



୰ ସୁବାଷ ଚନ୍ଦ୍ର ଦାଶ
ଆବିର୍ଭାବ : ୧୧.୦୪.୧୯୩୬ (ବଡ଼ଗଡ଼, ସରୋଡା)
ତିରୋଧାନ : ୧୬.୧୨.୨୦୧୯
ଚକ୍ରପାଣି ରୋଡ, ରତ୍ନାକର ବାଗ-୧, ଭୁବନେଶ୍ୱର-୭୫୧୦୦୮
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।"
ଆଜକୁ ଏକ ବର୍ଷ ହୋଇଗଲା ଆପଣଙ୍କର ଶରୀର ଆମ ପାଖରୁ ଚାଲିଯାଇଛି ସତ କିନ୍ତୁ ଆପଣଙ୍କର ଆତ୍ମା ଆମ୍ଭମାନଙ୍କ ମାନସ ପଟ୍ଟରେ ସବୁବେଳେ ଉଜ୍ଜୀବିତ । ଆପଣଙ୍କର ଆତ୍ମା ପରମାତ୍ମାରେ ଲୀନ ହେଉ, ଏହା ଆମର ଭଗବାନଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ :
ମିନାକ୍ଷୀ ଦାଶ, ସରୋଜ ଦାଶ, ସୁଜାତା ମିଶ୍ର, ସୁନୀତା ଦାଶ, ସୁଦୀପ୍ତ ମିଶ୍ର
ଧ-୬୯୯୪୨